Review

# ଅନ୍ତରଙ୍ଗ ଛଳ ନୁହେଁ, ଅମୋକ୍ଷ ଅନୁରାଗର ଋତୁ

## ସମୀକ୍ଷା : ଶୈଳେନ୍ଦ୍ର ଦ୍ୱିବେଦୀ

କ'ଣ ପ୍ରକୃତରେ ଭାବନା ପ୍ରସ୍ଥୀ ଭଳି ଆମ ଜୀବନରେ କୌଣସି ଭାଷାଶୂନ୍ୟ ନଥାଏ ? ଅର୍ଥାତ୍ ସବୁ ସମାନ ହୋଇଥାଏ ? ସଂସ୍କୃତି, ପ୍ରକୃତି ଓ ସୌନ୍ଦର୍ଯ୍ୟର ସେଇ ସୂତ୍ରଧାର ନିଜଭାବରେ ନିଜକୁ ତୁଳନାତ୍ମକ ହେଉଥାଏ ଏକ ଅପୂର୍ବ ଭଙ୍ଗୀରେ । ମୁକ୍ତ ଭଳରେ ଚାହୁଁଥିବା ବାଦଳମାନେ ଭାସୁଥାନ୍ତି ଆଗେ ଆଗେ । ତୁଚ୍ଛ ତୁଚ୍ଛ... ବିଭିନ୍ନ ଧାରେ ବିସ୍ମୃତ ପ୍ରଭାବ ଦିଶୁଥିବା ସବୁ ଭଦ୍ରତାକୁ ଅନୁଭବ କରିଥାନ୍ତି । ବାତପାଷାଣରେ ନିର୍ଭରରେ ଭବୁଥାଏ ତୁଳ ତୁଳ । ବିଭାଜିତ୍ ହୋଇ ବିରାଜୁଥାଏ ଦେହ । ଆପଣ ଅନୁଭବରେ କହିପାରନ୍ତି ଯେ, ଏହା ଏକ ନିଦାଘ କଳ୍ପନାର ପ୍ରସ୍ଥୀ ବା ଭାବକୁ କେତେଶତ ଅନୁଭବ କରିବା ପରି କୌଣସି ମଧୁର ସ୍ୱପ୍ନ । ତୁମେ ଆପଣ ଠିକ୍, କିନ୍ତୁ କୌଣସି ଏକ ପରୀ ଉପରେ ଏକ ବିନ୍ଦୁ ଦାଗିଦେବା ହିଁ ଜଣେ ସତ୍ୟ ଶିଳ୍ପୀର ଭୂମି । ଲେଖକର ଭୂମି । ନିଜ ଭିତରେ ଓ ବାହାରେ ଲେଖକଟି ବଦଳାଉଥାଏ କଳ୍ପନାର ଆଧାରରେ ଏମିତି ଏକ କାନଭାସକୁ । ଜୀବନର ସେ ଛଳରେ ବି ହେଉଥାଏ ଭାବର ସୃଷ୍ଟି ଏବଂ ବାସ୍ତବିକତା ଭିତରେ ବ୍ୟବଧାନ ନିଦର୍ଶନ ପ୍ରକାଶିତ ହୋଇ ବାରିହୋଏ । ସେଇ ବ୍ୟବଧାନ ହିଁ ସାହିତ୍ୟ, କଳା ଏବଂ ଦର୍ଶନର ଏକୁଟିଆର ହୋଇ ରହିଥାଏ । କୌଣସି ଧର୍ମରେ ଏହା ଅପୂର୍ଣ୍ଣତା, ଅଭାବବୋଧ ଏବଂ ବୈଷମ୍ୟରେ ହିଁ ଆମର ସ୍ଥିତି । ପ୍ରକାରାନ୍ତରେ ବୈଷମ୍ୟ ହିଁ ନିୟତି । ମାତ୍ର କେତେକଣ ଏ ସ୍ଥିତିର ମୌଳିକ ପରିବର୍ତ୍ତନ ତୁଏବ ସମ୍ଭବ କରିପାରିନି ନାହିଁ । କେବି (ଅନ୍ତରଙ୍ଗ) ଛଳ କଲେ ପାହାଡ ପରି ଠିଆ ହୋଇଥିବା ମଣିଷ-ଝିଅମାନଙ୍କ ବିଷୟ ଏଭାବେ ସେ ମିଳେଇଛନ୍ତି ନାହିଁ । ତେବେ ଚେଷ୍ଟା ଜଣେ ଅବଶ୍ୟ କରିପାରିବ । ପାରମିତା ଏହି ସଂକଳନର ଅଧିକାଂଶ ଗଳ୍ପରେ ଠିକ୍ ତାହାହିଁ କରିଛନ୍ତି ।

ସଂକଳନରେ ସ୍ଥାନିତ ୧୨ଟି ଗଳ୍ପ (୧) ପାପ, (୨) ତୁପାଖକୁ, (୩) ଉଦଭେଦ (୪) ସ୍ୱୀକାରୋକ୍ତି (୫) ଆରଣ୍ୟକ (୬) ଅନ୍ତରଙ୍ଗ ଛଳ (୭) ଇଛିତ ମୋକ୍ଷ (୮) ପ୍ରେମଗର୍ଭ (୯) ପୁନରାଗ୍ନା (୧୦) ଅଭାବ (୧୧) ବଢ଼ ଦୁଆର (୧୨) ହୋଇ ...ର ପ୍ରେମିକ ।

କେବଳ 'ଇଛିତ ମୋକ୍ଷ'କୁ ବାଦ୍ ଦେଲେ ଅନ୍ୟ ଗଳ୍ପସବୁ ସାଂସ୍କୃତିକତାର ମାଟି ଉପରେ ଅଛନ୍ତି । ଅତଏବ ଚରିତ୍ରମାନଙ୍କୁ ଚିହ୍ନିବା ପାଇଁ ଆମେ ଅସୁବିଧା ନାହିଁ । 'ପାପ'ରେ କ୍ଷୁଧା/ଅଭାବବୋଧ/ ଜାତିଚ୍ୟୁତି ହିଁ ଅଛି । ଦାରିଦ୍ର୍ୟର ପ୍ରାଚୀନ ଶସ୍ତି ପଡୁଥିବା କେଉଁଟି ଛୋଟ ପିଲାର କ୍ଷୁଧା ଓ ନିଜର ଶରୀରକୁ ବିକ୍ରୟର ହିଁ ସମ୍ଭବ କରାଇଛି ତା'ଜନ୍ମ ପାପକୁ - ଧନୀ ପରିବାରର ଏକ ଜାରି ତୁଳନା ହୋଇ ଏବଂ ହେବ । ଏଇ 'ପାପ'ଟି ହିଁ ଅନ୍ତ ପଟାଇଛି କୌଣସି ପରିବାରରେ । ସମଗ୍ରିକ ଭାବେ ଏହି ଗଳ୍ପର । ପାପର ଅନ୍ତର୍ନିହିତ ଭାବବେଦନଶୀଳତା, ମନସ୍ତତ୍ତ୍ୱ ଏବଂ ବିନ୍ୟାସ ଆପଣଙ୍କୁ ଗଭୀର ଭାବେ ସ୍ପର୍ଶ କରିବ । ଏକବିଂଶ ଶତାବ୍ଦୀର ଏକୁଟିଆର ଟେକ୍ନୋଲୋଜି ଆମେ ଖୁବ୍ ଆଗକୁ ଯେ ଆସିପାରିଛୁ - ଏ ଅନୁଭବ ଆପଣ ନିଶ୍ଚୟ ପାଇବେ । 'ତୁପାଖକୁ' ଗଳ୍ପରେ ନିତ୍ତୁଶିକ୍ଷା ଭାଗରେ ନିଜକୁ ସାବ୍ୟସ୍ତ କରିବାପାଇଁ ଅସମର୍ଥ ମଣୁଛି । ଅନେକାଂଶରେ ଏଇ ଅସାମର୍ଥ୍ୟ ଆମର ସାମାଜିକ ସାଂସ୍କୃତିକ ଅବକ୍ଷୟ ଦୂର କିନ୍ତୁ । ନିଜକୁ ଜାହିର କରିବା ପାଇଁ ସବୁ ଉପାଦାନ ଏଯାଏଁ ଆମେ ନିୟନ୍ତ୍ରଣରେ ନାହିଁ । ନିଜକୁ ସଂପୂର୍ଣ୍ଣ ପ୍ରମାଣିତ କରିବା ପାଇଁ ଅନୁକୂଳ ପରିସ୍ଥିତି ମଧ୍ୟ ଏପର୍ଯ୍ୟନ୍ତ ଆସିନାହିଁ । ରାଧା ଆଉଜାକ୍ ନିଜର ବନ୍ଧନ ଭିତରୁ ମୁକୁଳିବା ଅସମ୍ଭବ ଜାଣି ବି ଦୁଃସାହସ କରୁଛି, ଅଥଚ ମୋହନ ପ୍ରେମିକାକୁ ଚିତ୍ତ ଭିତରେ ବନ୍ଦୀ କରିବା ବ୍ୟତୀତ ଅଧିକ କିଛି କରିପାରୁ ନାହିଁ । ନାୟକର ସେଇ ଅବରୁଦ୍ଧ ଆବେଗ ଏବଂ ନିଷ୍କ୍ରିୟତାକୁ ପାରମିତା ଶିଳ୍ପୀର କାନଭାସ ବାହାରକୁ ଆଣିବା ପାଇଁ ସମର୍ଥ ହୋଇଛନ୍ତି । ରାଧା ଆଉଜାକ୍ କିନ୍ତୁ ତାର ଅବର୍ଣ୍ଣମାନରେ ବୋଧହୁଏ ଅଧିକ ଉପସ୍ଥିତ । 'ସ୍ୱୀକାରୋକ୍ତି' ପରୋକ୍ଷରେ ଏକ ବ୍ୟବଚ୍ଛେଦ ନିଜର ଆସକ୍ତି, ଆକର୍ଷଣ ଓ ମୁକ୍ତି ଭିତରେ ଉଦ୍ବେଳ । ନିର୍ବାଣ ଠିକ୍ କେଉଁଠି- ଆକର୍ଷଣରେ ନା ଏହାର ଅବ୍ୟାହତିରେ ଏକଥା ସେଠିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ଗୁରୁତ୍ୱପୂର୍ଣ୍ଣ ହେଉଛି ଆକର୍ଷଣର ବିକର୍ଷଣକୁ ମନ୍ତ୍ୟନିଷ୍ଠ ଭାବେ ସାହନା କରିବା । 'ଆରଣ୍ୟକ' ଆମ ଭଳିର ଆଧୁନିକ ପୃଷ୍ଠଭୂମିରେ ବହର୍ତ୍ତ ଛିଡ଼ାଇଥିବା 'ସମ୍ପର୍କର'

ସମୀକରଣ । ସେଇ ଭିତିରେ ଭିନ୍ନ ଭିନ୍ନତାକୁ ବାହାରିଯାଇ ପ୍ରଶ୍ନ ପଚାରିବା ଠେଲି ମଧ୍ୟ ସମ୍ଭବ - ଗଳ୍ପ ଶେଷରେ ଓ.ହେନ୍ରୀଙ୍କ ଶୈଳୀରେ ଲେଖକ ତାହାହିଁ ପ୍ରମାଣ କରିଛନ୍ତି । 'ଅନ୍ତରଙ୍ଗ ଛଳ' ମୋତାର ମୁଖ୍ୟ ନୁହେଁ, ଜୀବନରେ କେବେ ପାଇନଥିବା ସ୍ନେହ, ସେବାର ଓ ଆବରଣମାନଙ୍କୁ ଆମର ଭଳି ରହିବାର ଏକ ଅନ୍ତରଙ୍ଗ ପ୍ରଚେଷ୍ଟା । ସବୁ କୃତ୍ରିମ ସ୍ନେହକୁ ଏକଦମ୍ ଅକୃତ୍ରିମ ଭାବରେ ପ୍ରକାଶ କରୁଛି ମୀରା । 'ବଂଚି ରହିବାର ଛଳ ବି ଅଭିନବ ଉପାୟ' ।

'ଇଛିତ ମୋକ୍ଷ' ଆମ ସମାଜଠାରୁ ଟିକିଏ ଦୂରରେ । ଏହା ଭାରତ ବର୍ଷରେ ଯଥେଷ୍ଟ ଭାବପ୍ରବଣ ଗଭୀରତାର ପ୍ରଚୁର ନାୟିକା ସାହିତ୍ୟର ବିଷୟବସ୍ତୁ ମାନଙ୍କର ପ୍ରତୀକ କାହାଣୀ । ବାବଲ୍ଲାର ସ୍ୱାର୍ଥ ପାଇଁ ଆତ୍ମତ୍ୟାଗର କାହାଣୀ । 'ଧୀରେ ଧୀରେ ମୋର ବିଶ୍ୱାସ ହେଲା ଯେ, ମୁଁ ମଣିଷ ନୁହେଁ, ନାରୀ ନୁହେଁ - ମୁଁ କେବଳ ମାତ୍ର ଖୋଳିଏ ଅନ୍ତ । ଯେଉଁଟିଏ ଉଜ୍ଜଳର ମାଗଣାରେ ଦେବା ମୋର ଶିଖିଛି ।' ଲେଖକ ଶରଣ୍ୟା ମାଧ୍ୟମରେ ଏକ ନିର୍ଦ୍ଦିଷ୍ଟ ଜୀବନରେ ବ୍ୟବସ୍ଥାର ଢାଞ୍ଚା ଭିତିକୁ କିନ୍ତୁ ଅତିକ୍ରମ କରିଛନ୍ତି । ଶରଣ୍ୟା ବିଶ୍ୱାସକୁରୁ ମୁକ୍ତି ତ ଚାହୁଁଛି, ଅଥଚ ନିଜର ସ୍ୱାର୍ଥ ପାଇଁ ସେ ପ୍ରତ୍ୟେକ୍ଷ ସାମାନ୍ୟ ବିଶ୍ୱାସ କରିବାକୁ ଇଚ୍ଛା କରୁନି । ଅତଏବ ମୃତ୍ୟୁକୁ ସେ ଶ୍ରେୟସ୍କର ମନେ କରୁଛି । 'ପ୍ରେମଗର୍ଭ' ଆମ ବ୍ୟବସ୍ଥାରେ ପ୍ରକାଶ ବଦଳାଇପାରି ଏକତ୍ର ଏକତ୍ର ଦେଖ ସେଥିରେ ରହିଥିବା ମଣ୍ଟୁ ଆତ୍ମାମାନଙ୍କର ନିଷ୍ଠିତ ଅଭିସାର । ପାପଗର୍ଭ ମୃତ ଉତ୍ତମାମାନଙ୍କର ଆତ୍ମକଥା ଏବଂ ନାଟକୀୟ ଭାବେ ପାର୍ଶ୍ୱ ଭିତରୁ ପଁନିକୁ ହୋଇ ଉଡ଼ି ଆସିବାର ଦୁଃସାହସିକ ଉପକ୍ରମ । 'ବଢ଼ ଦୁଆର' ଓ 'ତୃଷ୍ଣ ତାରା' ପାଠକଙ୍କୁ କେତେମାତ୍ରାରେ ଅସ୍ଥିର କରିପାରେ, ଅଥଚ ପାଖପାଖି ସେମିତି ଏକ ଅବସ୍ଥା ହିଁ ଅଧା ଅଭାବ, ଅଧା ଆତ୍ମ୍ୟରେ ଥିବା ସମୀରୀ ପରର ଦୃଶ୍ୟ । ସେ ପରଦିରେ କୌଣସି କାରଣରୁ ଅଧିକ ଆଲୋକ ଅସହ୍ୟ ମନେ ହୋଇଥାଏ । ହେଉଥା ଭିନ୍ନ, କିନ୍ତୁ ସେଇ ଅଧାଭର ଆଗ୍ରହ ସେ ନିବିଡ଼ ଏକଥା ନ୍ୟାୟତଃ କେହି ଅସ୍ୱୀକାର କରିବେ ନାହିଁ । 'ଅଭାବ'

ଓ 'ହୋଇଯାଇଥିବା ପ୍ରେମିକ' ଦୁଇଟି ଚମତ୍କାର ପ୍ରେମଗଳ୍ପ । ଉଭୟ ଅଭାବର କଥା କହୁଛନ୍ତି ।

ପାରମିତାଙ୍କ ଗଳ୍ପର ଶୈଳୀ ସ୍ୱଚ୍ଛ । ଏହା ସହଜ ଯେ ଖୁବ୍ କମ୍ ଭାଷାରେ ଗଳ୍ପର ଚରିତ୍ରମାନେ ଖୋଲାଖୋଲି ବିଦ୍ରୋହ ଘୋଷଣା କରିଛନ୍ତି, କିନ୍ତୁ ଅନ୍ୟ ଏକ ଦୃଷ୍ଟିରେ ସେମାନେ ନିଜକୁ ଉଡ଼ି କରେଡ଼ ସାଂକେତିକ ଭାବେ ଅବଦମିତ ସ୍ନେହକୁ ସାବ୍ୟସ୍ତ କରି ସମ୍ପର୍କର ଅଧିକ କିଛି କରିଛନ୍ତି । ସମ୍ବେଦନଶୀଳ ବିଚାର, ଚେତନାକୁ ସଂସ୍କାରର ହିତ ଚେଷ୍ଟା ଆଗକୁ କାହିଁବାର ଅନମନୀୟ ଦୁର୍ବାର ଅଭୀପ୍ସା, ଏ ସେଇ ଗଳ୍ପରେ ପରୀକ୍ଷା ନିରୀକ୍ଷା, ସହଜ ଓ ସ୍ୱଚ୍ଛ ସଂଳାପ; ଅପ୍ରତିମ ଅନୁବାଦ ଭିତରେ ବ୍ୟବହାର ଧାରାବିଦଗଣୀ ପାରମିତାଙ୍କ କଥାକଥନ ଢଙ୍ଗ

ଆବେଦନ । ସେଇ ଦୃଷ୍ଟିରେ 'ଅନ୍ତରଙ୍ଗ ଛଳ' ଠିକ୍ ଛଳ ନୁହେଁ ବରଂ ଅମୋକ୍ଷ ଅନୁରାଗର ଋତୁ କେତୋଟି ଗଳ୍ପରେ ଲେଖକ ପ୍ରଜାତନ୍ତ୍ରୀ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ପାଠକଙ୍କୁ ଭିନ୍ନ ଏକ ଦୃଷ୍ଟି ଦେଇଥିବ । ତିନି ଜିନିଷକୁ ତିନିକୋଣ ଜାଣିବା ପାଇଁ ବାଧ କରିବ । ଭଲ ଗଳ୍ପ ସବୁ ଠିକ୍ ଏମିତି ଭଳରି ସେମାନେ ଆମକୁ ଆଗ ଦିଅନ୍ତି ନାହିଁ, ତାହା ବିଚଳିତ, ମାତ୍ର ଭଲ ଗଳ୍ପଟିଏ ପାଠକଙ୍କୁ କେତେଶତ ପାଇଁ ଅନ୍ୟମନସ୍କ କରିଦିଏ । କିଛି ଭାବିବା ପାଇଁ ବାଧ କରେ । ଏଇ ଅର୍ଥରେ 'ଅନ୍ତରଙ୍ଗ ଛଳ' ଏକ ସଫଳ ସୃଷ୍ଟି । ଅବଶ୍ୟ ସଂଗ୍ରହଣୀୟ । ୧୪୪ ପୃଷ୍ଠା ବିଶିଷ୍ଟ ଏହି ସଂକଳନର ପରିଚ୍ଛନ୍ନ ପୃଷ୍ଠା ବିନ୍ୟାସ, ନିର୍ଭୁଲ ମୁଦ୍ରଣ ଏବଂ ଆକର୍ଷଣୀୟ ପ୍ରଚ୍ଛଦ ପାଇଁ ପ୍ରକାଶକଙ୍କ ଉଦ୍ୟମ ମଧ୍ୟ ପ୍ରଶଂସନୀୟ ।




ପ୍ରକାଶକ : ପଶ୍ଚିମା ପବ୍ଲିକେଶନ୍ସ, ଭୁବନେଶ୍ୱର
ମୂଲ୍ୟ : ୭୫ଟଙ୍କା, ପୃଷ୍ଠା ସଂଖ୍ୟା : ୧୪୪

# ପୁସ୍ତକ ସମୀକ୍ଷା



## ଅନ୍ତରଙ୍ଗ ଛଳ

### (ଗଳ୍ପ ସଂକଳନ)

ଲେଖିକା - ପାରମିତା ଶତପଥୀ
ପ୍ରକାଶକ-ପଶ୍ଚିମା ପବ୍ଲିକେଶନ୍ସ-୨୦୦୬
ମୂଲ୍ୟ -୭୫ ଟଙ୍କା

'ଅନ୍ତରଙ୍ଗ ଛଳ' ଗଳ୍ପ ସଂକଳନଟି ପାରମିତା ଶତପଥୀଙ୍କର ୪ର୍ଥ ସଂକଳନ । ଏହା ପୂର୍ବରୁ ତାଙ୍କ ଉପନ୍ୟାସିକା 'ଅପଥଚାରିଣୀ' ଓ ତିନୋଟି ଗଳ୍ପ ସଂକଳନ ଏକ ଆରେକକୁ ସ୍ପର୍ଦ୍ଧା କରି ସୃଜିତ ହୋଇଛନ୍ତି । ଭାବଚେତନାର ବିବିଧତା ଓ ଭାଷା ଶବ୍ଦର ଯଥାଯୁକ୍ତ ବିନିଯୋଗ ପାରମିତାଙ୍କ ସୃଜନର ବୈଶିଷ୍ଟ୍ୟ । 'ଅନ୍ତରଙ୍ଗ ଛଳ' ଏହି ବୈଶିଷ୍ଟ୍ୟ ଆଧାରିତ ଏକ ଉନ୍ନତ ତଥା ଉତ୍ତୀର୍ଣ୍ଣ ରଚନା ବୋଲି ସ୍ୱୀକାର କରିବାକୁ ହୁଏ । ମୂଳରୁ ସଂକଳନର ନାମକରଣକୁ ପର୍ଯ୍ୟାଲୋଚନା କଲେ 'ଅନ୍ତରଙ୍ଗ' ଏବଂ 'ଛଳ' ଶବ୍ଦ ଦୁଇଟିର ଦ୍ୱନ୍ଦ୍ୱାତ୍ମକତା ସ୍ପଷ୍ଟ ପ୍ରତୀତ ହୋଇଥାଏ । 'ଛଳ'ର ଅର୍ଥ ହୋଇପାରେ 'ଛଳନା', କବୁବା ହୋଇପାରେ 'ଅଭିମାନ' । କାରଣ ଓଡ଼ିଆ ଭାଷାରେ 'ଛଳ' ଶବ୍ଦଟି ଉପରୋକ୍ତ ଦୁଇଗୋଟି ଅର୍ଥରେ ବ୍ୟବହୃତ ହୋଇଥାଏ । ଯଦିଓ 'ଛଳ' ସାଧାରଣତଃ ଛଳନା ଅର୍ଥରେ ବୁଝାଯାଏ । ଏଠାରେ 'ଛଳ' ଶବ୍ଦଟି ମଧ ତା'ର ପାରମ୍ପରିକ ଅର୍ଥ ବଜାୟ ରଖିଛି, ତେଣୁ ଅନ୍ତରଙ୍ଗତାର ସହ ତା'ର ଦ୍ୱନ୍ଦ୍ୱ ଅନିବାର୍ଯ୍ୟ । ତେବେ ଶୀର୍ଷକର ଦ୍ୱନ୍ଦ୍ୱାତ୍ମକତା ଗଳ୍ପଗୁଡ଼ିକର ଭାବ ସମ୍ପଦଠାରେ ମଧ ପ୍ରତିଫଳିତ । 'ପାପ', 'ପ୍ରେମଗର୍ଭ', 'ଇଚ୍ଛିତ ମୋକ୍ଷ' ଆଦି ଗଳ୍ପର ବକ୍ତବ୍ୟ ଶୀର୍ଷକ ଦ୍ୱାରା ଚିରାଚରିତ ଅର୍ଥରେ ଅଭିବ୍ୟଞ୍ଜନା ପ୍ରାପ୍ତ ହୋଇନାହିଁ । ବକ୍ତବ୍ୟ ଏଠାରେ ବିସ୍ତାରିତ, ବ୍ୟାପକ ଓ ନୂତନ ଅର୍ଥ ନ୍ୟାସରେ ସୂଚନା ଧର୍ମୀ । ଅବଶ୍ୟ ଏତାଦୃଶ ଗଳ୍ପଗୁଡ଼ିକ ଗଠନ କରିବା ଦିଗରେ ପାରମିତାଙ୍କ ସୂକ୍ଷ୍ମ ନିରୀକ୍ଷଣ ଶକ୍ତି ଯେତିକି ବଳିଷ୍ଠ ତାଙ୍କ ଭାଷା ପ୍ରୟୋଗର ଦକ୍ଷତା ସେତିକି ଧୂରୀଣ । ଓଡ଼ିଆ ଭାଷାର ସଞ୍ଜମ ଓ ସଂକେତ ସହ ପାରମିତାଙ୍କ ସୃଜନ ମାନସର ନିବିଡ଼ ପରିଚୟ ତଥା ଏକାତ୍ମତା ରହିଛି । କେବଳ ଏହି ସଂକଳନରେ ନୁହେଁ, ଲେଖିକାଙ୍କ ପ୍ରଥମ ସଂକଳନରୁ ହିଁ ଏହି ଏକାତ୍ମିକା ଲକ୍ଷ୍ୟ କରିହୁଏ ।

ନିଷ୍ପାପ ବାଳକଟିର କରୁଣ ଜୀବନ ଯେବେ ତଥାକଥିତ ପାପର ବୋଝରେ ହୁଏ ଭାରାକ୍ରାନ୍ତ, ପାପ ତା'ର ଆସୁରିକ ପରିଚୟକୁ ବିସ୍ତାରି ଯାଏ । ଫଳରେ ପାଠକର ଅନ୍ତର ହୁଏ ଆର୍ଦ୍ର ଓ ଚେତନା ହୁଏ ବିବ୍ରତ । ଠିକ୍ ସେହି ଅର୍ଥରେ ପ୍ରକଟିତ ହୁଏ ଗଳ୍ପ 'ପ୍ରେମଗର୍ଭ' । ସେଠାରେ ନାରୀ ପୁରୁଷର ଜୈବିକ ସମ୍ପର୍କ ମୁଖ୍ୟ ନୁହେଁ, ଅଘଟଣର ଅନ୍ତରାଳରେ ଥିବା ମହତ୍ ଲକ୍ଷ୍ୟ ବା ଉଦ୍ଦେଶ୍ୟ ହିଁ ମୁଖ୍ୟ । ମଣିଷର ଅସହାୟତା ପ୍ରଚୁର ସଂବେଦନା ଦାବୀ କରୁଥିଲାବେଳେ ଲେଖିକା ହଠାତ୍ ପୁସ୍ତକର ୩୬ ପୃଷ୍ଠାରେ ସ୍ଥାନିତ 'ରୂପାଖଡୁ' ଗଳ୍ପରେ ଏକ ଅନ୍ତର୍ନିହିତ ଅଭିବ୍ୟକ୍ତିର ସ୍ୱତନ୍ତ୍ରତାକୁ ଲେଖିକା ରୂପ ଦିଅନ୍ତି - ''ମୋହନ ! ତୋ ଜୀବନରେ କ'ଣ ଆଉ କେବେ କୌଣସି ନାରୀ ଆସିନାହାନ୍ତି ?'' ସେ ଏଥର ଗଭୀର ଭାବେ ମୋ ଆଖିକୁ ଚାହିଁଲା । ଏଇ ଚାହାଣି ଯାହା ଲୁକେଇରେ ପଢ଼ିବାବେଳେ ତାକୁ ସମସ୍ତଙ୍କ ଠାରୁ ଅଲଗା କରି ଦେଉଥିଲା, ଅଶୋକ ! ଜୀବନରେ ନାରୀ ଆସିବା ଆଉ ପ୍ରେମ ଆସିବା କ'ଣ ଏକାକଥା ?

ବିଂଶ ଶତକ ଓ ଏକବିଂଶ ଶତକରେ ମଣିଷର ବିଡମ୍ବିତ ଜୀବନଯାତ୍ରା । ବିଶ୍ୱାସ, ଭଲପାଇବା, ଛଳନା, ତ୍ୟାଗ, ନିଷ୍ଠୁରତା ହେଉଛି ପାରମିତାଙ୍କ ଗଳ୍ପର ଭାବବସ୍ତୁ ଓ ଚିତ୍ରରଚନାର ପ୍ରେକ୍ଷାପଟ । ଅତୀନ୍ଦ୍ରିୟ ଏକ ଜଗତର ବାର୍ତ୍ତାକୁ ସହଜଭାବେ ଇନ୍ଦ୍ରିୟଗୋଚର କରିବା ଦିଗରେ ତାଙ୍କ ମ୍ୟାଜିକ୍ ଦୃଷ୍ଟିଭଙ୍ଗୀଟି କ୍ରିୟାଶୀଳ ହୋଇଥାଏ । ଏହି ମ୍ୟାଜିକ୍ ଦୃଷ୍ଟି ବାସ୍ତବତାଠାରୁ ଦୂରବର୍ତ୍ତୀ ନୁହେଁ । ପାରମିତାଙ୍କ ଗଳ୍ପକଳା ଅନୁକରଣୀୟ । ଆବେଗ, ଅଶ୍ରୁ, ଆକୁଳତା, ଦାମ୍ଭିକତା, ଦୁଃସାହସ, ମିଥ୍ୟାଚାର, ପ୍ରତାରଣା ଓ ବ୍ୟବସାୟିକତା ଆଦି

ବିରୋଧଭାବ ସମୂହର ଆନୁପାତିକ ମିଶ୍ରଣରେ ଭାଷା, ଶବ୍ଦ ଓ ଚିତ୍ର ସବୁକୁ ସୁବିନ୍ୟସ୍ତ କରି ଲେଖିକା ତାଙ୍କ ସୃଜନ ଜଗତକୁ ସମୃଦ୍ଧ କରିଥାନ୍ତି । ଚିରାଚରିତ ଚଳଣିର ଅନ୍ତରାଳରେ ଥିବା ଶୁଦ୍ଧ ସତ୍ୟକୁ ଉଖାରିବାରେ ଲେଖିକା ସିଦ୍ଧହସ୍ତା । ରୂପାଖଣ୍ଡ, ସ୍ୱୀକାରୋକ୍ତି, ଦୁଇନାରୀ, ଆରଣ୍ୟକ ଆଦି ଗଳ୍ପର ପ୍ରେମଚେତନା ବର୍ତ୍ତମାନ କାଳର ଅସଂପୃକ୍ତିକୁ ଯେତିକି ସାର୍ଥକ ଭାବେ ଆଙ୍କିପାରେ, ସେତିକି ନିପୁଣତା ସହ ଚିରନ୍ତନର ଉଚ୍ଚାରଣକୁ ଉଦାତ୍ତ କରିପାରେ । ଏହାର ସ୍ୱର 'ଅନ୍ତରଙ୍ଗ ଛଳ' ଗଳ୍ପରେ 'ଆସ, ଆଜି ସମ୍ପର୍କକୁ ନୂଆରୂପ ଦେବା ! ପୁରୁଣା ଘଷରା ରୀତିକୁ ଛାଡ଼ିଦେବା ଏଇ ବନସ୍ତରେ, ସାପ କାତି ଛାଡୁଥିବା ପରି । ଖାଲି ସୁନ୍ଦର ଜାଗାଟିଏ ଦେଖିବାଠାରୁ ଆହୁରି ଅଧିକ ପ୍ରକୃତି ମୋର ଲୋଡ଼ା- ମନଭର୍ତ୍ତି, ଦେହଭର୍ତ୍ତି, ଆତ୍ମାଭର୍ତ୍ତି ବିଲୋଳ ପ୍ରକୃତି - ପ୍ରକୃତିପରି ଶୁଦ୍ଧ ଓ ସ୍ୱଚ୍ଛ ସବୁକିଛି । ଓହ୍ଲାଇ ଆସ ମୋ ସହିତ ହାତ ଧରି ।' (ପୃ-୭୦)

ମନନଶୀଳ ପାଠକଙ୍କ ନିମିତ୍ତ ପାରମିତାଙ୍କ ଗଳ୍ପସମ୍ଭାର ଆଶା, ବିଶ୍ୱାସ, ଆନ୍ତରିକତା, ସାହସର ସ୍ପର୍ଶ ଆଣିଦିଏ । ସମସ୍ତ କଳାଚାତୁରୀ ଓ ବକ୍ତବ୍ୟର ବିବିଧତା ମଧ୍ୟରେ ଗୋଟିଏ ଭାବାବେଗ ତୀବ୍ର ଓ ଦୃଢ଼ ହୋଇ ସୁସମୃଦ୍ଧ ହୋଇଚାଲିଛି । 'ଅନ୍ତରଙ୍ଗ ଛଳ' ତାଙ୍କ ସୃଜନମାନସର ଏକ ମହାର୍ଘ ଅବଦାନ । ଆଶା ଓ ବିଶ୍ୱାସ ପାରମିତା ଆଧୁନିକ ଓ ଅତ୍ୟାଧୁନିକ ଜନମାନସର ଅନ୍ତର୍ଲୋକକୁ ଅଧିକରୁ ଅଧିକ ନିରୀକ୍ଷଣ କରିବାର ପ୍ରୟାସ ଜାରି ରଖିବେ । ଏତାଦୃଶ ନିରୀକ୍ଷଣର ନୀରବ, ଶବ୍ଦହୀନ, ମୁଖର ଚିତ୍ର ତାଙ୍କ ଗଳ୍ପରେ ପ୍ରମୂର୍ତ୍ତ "କାହିଁକି ତୁମ ସହ ଦେଖାହେଲା ମଧ୍ୟ ? ଜିତେନ୍ଦ୍ର ଭାବୁଥିଲା, ମୁଁ ତ ମୋର ବାଟ ଚାଲୁଥିଲି । ଜୀବନର ଅନେକ ଦିନରୁ ବନ୍ଦ ହୋଇଥିବା ପରିଚ୍ଛେଦଟି ଏମିତି ଆଖି ଆଗରେ ନାଚିଗଲା ପୁରୁଣା ସ୍ୱପ୍ନମାନଙ୍କ ଶବ ଉପରେ । ବୋଧହୁଏ ଜଣାଇ ଦେବାକୁ ଯେ- ଆମେ ଏମିତି ବୁଢ଼ା ହେଇଯିବା - ମରିବି ଯିବା ନିଜ ନିଜ ଉପାୟରେ; ଅଥଚ ଏକଲାପଣର ବୋଝ ଭିନ୍ନ ଭାବରେ ବୋହି ଚାଲିଥିବା ।" ପୃ-୧୨୨ ଯୁବପିଢ଼ିର ଗଦ୍ୟସ୍ରଷ୍ଟାଙ୍କ ସୃଷ୍ଟି ସମ୍ଭାର ମଧ୍ୟରେ ପାରମିତାଙ୍କ 'ଅନ୍ତରଙ୍ଗ ଛଳ' ଏକ ସ୍ୱର୍ଦ୍ଧିତ ସ୍ଥିତି ଦାବିକରେ ।

ପୁସ୍ତକଟିର ଅଙ୍ଗସଜ୍ଜା ରୁଚିକର ଓ ଭାବ ଉଦ୍‌ବୋଧକ । ପ୍ରଚ୍ଛଦ ପ୍ରତୀକଧର୍ମୀ । ଶିଳ୍ପଗତ ସାଂକେତିକତା ଓ ଗଠନଗତ

ଉଦ୍‌ଘୋଷିତ ହୋଇଥାଏ, ତାହା ମାନବିକ ସମ୍ବେଦନାର ଅବିକଳ୍ପ ବିଜୟ । ଏହି ସଂବେଦନା ବିରଳ, ଏକଥା ସତ୍ୟ, ମାତ୍ର ଜୀବନ୍ତ ଓ ଅପରାଜେୟ । ଲେଖିକାଙ୍କ ଗଭୀର ଅନ୍ତର୍ବୋଧ-ଋଦ୍ଧ ଅବଦାନ ଦ୍ୱାରା ଓଡ଼ିଆ ସାହିତ୍ୟ ସୌକୁମାର୍ଯ୍ୟରେ ପୁସ୍ତକଟି ଅବଶ୍ୟ ପାଠକୀୟ ମନନଶୀଳତାକୁ ଆନ୍ଦୋଳିତ କରିବ ଓ ପାଠକର ଅନ୍ତରଙ୍ଗ ହୋଇପାରିବ ।

***ସମୀକ୍ଷା- କ୍ଷୀରୋଦ ପରିଡ଼ା***